# NATIONAL NEWS BULLETIN (ODIA)

## 12 October - 2025

## Morning Bulletin : 7.15 A.M.

*******************************

## ମୁଖ୍ୟ ସମ୍ବାଦ

- ଦେଶକୁ ଆତ୍ମନିର୍ଭରଶୀଳ କରିବା ପାଇଁ ସ୍ୱଦେଶୀ ଅଭିଯାନରେ ସକ୍ରିୟ ଅଂଶଗ୍ରହଣ ଲାଗି ଛାତ୍ରଛାତ୍ରୀଙ୍କୁ ଆହ୍ୱାନ ଦେଲେ ରାଷ୍ଟ୍ରପତି ।
- ଚାଷୀଙ୍କ ସ୍ୱାର୍ଥକୁ ସର୍ବୋଚ୍ଚ ପ୍ରାଥମିକତା ଦେଉଛନ୍ତି ପ୍ରଧାନମନ୍ତ୍ରୀ - କହିଲେ କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ।
- ପାକିସ୍ତାନୀ ସାମରିକ ପୋଷ୍ଟ ଉପରେ ଆକ୍ରମଣ ପରେ ସଂଘର୍ଷ ଜାରି ।

ଏବଂ

- ଭାରତ-ଓ୍ୱେଷ୍ଟଇଣ୍ଡିଜ ମଧ୍ୟରେ ଚାଲିଥିବା ଦ୍ୱିତୀୟ କ୍ରିକେଟ୍ ଟେଷ୍ଟମ୍ୟାଚ୍‌ର ଆଜି ତୃତୀୟ ଦିନରେ ୧୪୦ରନ୍‌ରୁ ବ୍ୟାଟିଂ ଆରମ୍ଭ କରିବ ଓ୍ୱେଷ୍ଟଇଣ୍ଡିଜ ।

# ପ୍ରେଜ୍-କନ୍‌ଭୋକେସନ

ଭାରତକୁ ଆତ୍ମନିର୍ଭରଶୀଳ କରିବା ପାଇଁ ଛାତ୍ରଛାତ୍ରୀମାନଙ୍କୁ ସ୍ୱଦେଶୀ ଅଭିଯାନରେ ସକ୍ରିୟ ଅଂଶଗ୍ରହଣ କରିବା ଲାଗି ରାଷ୍ଟ୍ରପତି

ଦ୍ରୌପଦୀ ମୁର୍ମୁ ଆହ୍ୱାନ ଦେଇଛନ୍ତି । ଗତକାଲି ଅହମ୍ମଦାବାଦସ୍ଥିତ ଗୁଜୁରାଟ ବିଦ୍ୟାପୀଠରେ ୭୧ତମ ସମାବର୍ତ୍ତନ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ରାଷ୍ଟ୍ରପତି କହିଛନ୍ତି ଦେଶ ଗଠନ ଓ ଆତ୍ମନିର୍ଭରଶୀଳତାର ପ୍ରତୀକ ଭାବରେ ଗୁଜୁରାଟ ବିଦ୍ୟାପୀଠ ଐତିହାସିକ ସ୍ୱାକ୍ଷର ବହନ କରୁଛି । ସେ କହିଛନ୍ତି ଶିକ୍ଷାର ବ୍ୟବହାରିକ ଉପଯୋଗ ହୋଇପାରିଲେ ତାହା ଦେଶ ପାଇଁ ବିକାଶର ନୂଆ ଦିଗ ଉନ୍ମୁକ୍ତ କରିବ ।

**V/O (President-1)**

ରାଷ୍ଟ୍ରପତି କହିଛନ୍ତି ଗୁଜୁରାଟର ସ୍ୱ-ରୋଜଗାର ଏବଂ ଆତ୍ମନିର୍ଭରଶୀଳତାକୁ ପ୍ରୋତ୍ସାହନ ଦେବାର ଯେଉଁ ସଂସ୍କୃତି ରହିଛି ତାହା ସାରା ଦେଶରେ ପ୍ରସାରିତ ହେବା ଆବଶ୍ୟକ । ରାଷ୍ଟ୍ରପତି କହିଛନ୍ତି ଗୁଜୁରାଟ ବିଦ୍ୟାପୀଠ ହେଉଛି ସ୍ୱାଧୀନତା ସଂଗ୍ରାମର ଆଦର୍ଶ ପୁଣ୍ୟସ୍ଥଳୀ ।

**V/O (President-2)**

# ଏଜୁକେଶନ ମିନିଷ୍ଟ୍ରି-ୟୁପିଆଇ

ଦେଶର ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଥିବା ବିଦ୍ୟାଳୟଗୁଡ଼ିକୁ ୟୁପିଆଇ ମାଧ୍ୟମରେ ଆଡମିଶନ ଏବଂ ପରୀକ୍ଷା ଦେୟ ଗ୍ରହଣ କରିବା ଲାଗି କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ପରାମର୍ଶ ଦେଇଛି । ପ୍ରଶାସନିକ ବ୍ୟବସ୍ଥାର ଆଧୁନିକୀକରଣ ଏବଂ ଅଭିଭାବକ ଓ ଛାତ୍ରଛାତ୍ରୀମାନଙ୍କ ଲାଗି ଏହି ବ୍ୟବସ୍ଥାରେ ସହଜରେ ଦେୟ ପ୍ରଦାନ କରାଯାଇପାରିବ ବୋଲି କୁହାଯାଇଛି । ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ

**NCERT, CBSE, KVS** ଓ **NVS** କର୍ତ୍ତୃପକ୍ଷଙ୍କୁ ଏକ ପତ୍ର ଜରିଆରେ ୟୁପିଆଇର ବ୍ୟବହାର ନେଇ ସଚେତନତା ସୃଷ୍ଟି ଲାଗି ପରାମର୍ଶ ଦିଆଯାଇଛି । ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଯେ ୟୁପିଆଇ ମାଧ୍ୟମରେ ଦେୟ ଗ୍ରହଣ କରିବା ଦ୍ୱାରା ଏହା ସ୍ୱଚ୍ଛ ଓ ସ୍ୱଷ୍ଟ ହୋଇପାରିବ ।

## ପିଏମ୍-ଏଗ୍ରି ସେକ୍ଟର ସ୍କିମ୍ସ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ପ୍ରଧାନମନ୍ତ୍ରୀ ଧନଧାନ୍ୟ କୃଷି ଯୋଜନା ଏବଂ ଡାଲି କ୍ଷେତ୍ରରେ ଆତ୍ମନିର୍ଭରତା ମିଶନ୍' ଦେଶର ଲକ୍ଷ ଲକ୍ଷ ଚାଷୀଙ୍କ ଭାଗ୍ୟରେ ପରିବର୍ତ୍ତନ ଆଣିବ। ଶ୍ରୀ ମୋଦୀ କହିଛନ୍ତି, ଏହି ଯୋଜନାରେ ଆତ୍ମନିର୍ଭରଶୀଳତା, ଗ୍ରାମୀଣ ସଶକ୍ତିକରଣ ଏବଂ କୃଷି ନବସୃଜନର ଏକ ନୂତନ ଯୁଗ ଆରମ୍ଭ କରିବା ପାଇଁ ରୂପରେଖ ପ୍ରସ୍ତୁତ କରାଯାଇଛି। ଗତକାଲି ନୂଆଦିଲ୍ଲୀରେ ପ୍ରଧାନମନ୍ତ୍ରୀ ୪୨ ହଜାର କୋଟି ଟଙ୍କାରୁ ଅଧିକ ମୂଲ୍ୟର ଅନେକ ଯୋଜନାର ଶୁଭାରମ୍ଭ କରି କହିଛନ୍ତି ଗତ ଏଗାର ବର୍ଷ ମଧ୍ୟରେ ଦେଶର କୃଷି ରପ୍ତାନୀ ପ୍ରାୟ ଦ୍ୱିଗୁଣିତ ହୋଇଛି। ସେହିପରି ଖାଦ୍ୟ-ଶସ୍ୟ ଉତ୍ପାଦନ ମଧ୍ୟ ପ୍ରାୟ ୯୦ ନିୟୁତ ମେଟ୍ରିକ୍ ଟନ୍ ବୃଦ୍ଧି ପାଇଛି।

ଏହି ଅବସରରେ କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ ଚୌହାନ କହିଛନ୍ତି, ପରବର୍ତ୍ତୀ ପିଢ଼ିର ଜିଏସଟି ସଂସ୍କାର ସହିତ, ସରକାର କୃଷି ଉପକରଣ ଉପରେ ଜିଏସ୍‌ଟି ହାର ହ୍ରାସ କରି ଚାଷୀମାନଙ୍କୁ ଆଶ୍ୱସ୍ତି

ପ୍ରଦାନ କରିଛନ୍ତି। ସେ କହିଛନ୍ତି, ପ୍ରଧାନମନ୍ତ୍ରୀ ସର୍ବଦା ଚାଷୀଙ୍କ ସ୍ୱାର୍ଥକୁ ସର୍ବୋଚ୍ଚ ପ୍ରାଥମିକତା ଦେଇଛନ୍ତି।

**V/O (Sibraj GST)**

ଏହି ଅବସରରେ ଶ୍ରୀ ଚୌହ୍ୱାନ କହିଛନ୍ତି ଦେଶର କୃଷକମାନେ ସ୍ୱଦେଶୀ ଉତ୍ପାଦ ବ୍ୟବହାର କରିବା ଲାଗି ସଂକଳ୍ପ ଗ୍ରହଣ କରିଛନ୍ତି । ସେ କହିଛନ୍ତି ଦୈନନ୍ଦିନ ଜୀବନରେ ଆବଶ୍ୟକ ହେଉଥିବା ସାମଗ୍ରୀ ଗୁଡ଼ିକପାଇଁ ଆମେ ଭାରତରେ ଉତ୍ପାଦିତ ସାମଗ୍ରୀ ଉପରେ ନିର୍ଭରଶୀଳ ହେବା ଆବଶ୍ୟକ ।

**V/O (Sibraj Swedesi)**

# ପାକ୍-ଆଫଗାନ ବର୍ଡର କ୍ଲାସେସ

ପାକିସ୍ତାନ-ଆଫଗାନିସ୍ତାନ ସୀମାରେ ଗତ ରାତିରେ ତାଲିବାନ ପକ୍ଷରୁ ପାକିସ୍ତାନୀ ସାମରିକ ପୋଷ୍ଟ ଉପରେ ଆକ୍ରମଣ ପରେ ଉଭୟ ସେନା ମଧ୍ୟରେ ସଂଘର୍ଷ ଆରମ୍ଭ ହୋଇଛି । ଚଳିତ ସପ୍ତାହରେ କାବୁଲ ଉପରେ ପାକିସ୍ତାନୀ ସେନାର ଆକ୍ରମଣର ଜବାବରେ ଏଭଳି ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଥିବା କୁହାଯାଇଛି । ଆଫଗାନ ସୀମା ଭିତରେ ପ୍ରବେଶ କରି ଆକ୍ରମଣ କରିଥିବାରୁ ତାଲିବାନ ପକ୍ଷରୁ ସାମରିକ ଅଭିଯାନ ସ୍ୱରୂପ ଏଭଳି ଆକ୍ରମଣ କରାଯାଇଥିବା ତାଲିବାନର ବରିଷ୍ଠ ଅଧିକାରୀମାନେ କହିଛନ୍ତି । ତାଲିବାନ’ ପାକିସ୍ତାନର ୨ଟି ସାମରିକ ଘାଟି ଅକ୍ତିଆର କରିଥିବା ସୂଚନା ମିଳିଛି । ଅନ୍ୟପକ୍ଷରେ ପାକିସ୍ତାନ ସେନା

ପକ୍ଷରୁ ସୀମାର ଅନେକ ଅଞ୍ଚଳରେ ସଂଘର୍ଷ ଘଟିଥିବା ସ୍ୱୀକାର କରାଯାଇଛି ।

ଗତ ଗୁରୁବାର ଦିନ ଆଫଗାନ ରାଜଧାନୀ ଏବଂ ଆଫଗାନିସ୍ତାନର ଦକ୍ଷିଣ ପୂର୍ବାଞ୍ଚଳରେ ୨ଟି ବିସ୍ଫୋରଣ ଘଟିଥିଲା । ପାକିସ୍ତାନୀ ସେନାଦ୍ୱାରା ଏହି ବିସ୍ଫୋରଣ କରାଯାଇଥିବା ତାଲିବାନ ପକ୍ଷରୁ ଅଭିଯୋଗ ହୋଇଥିଲା । ତେବେ ଇସ୍‌ଲାମାବାଦ ପକ୍ଷରୁ ଏଥିଲାଗି ନିଜକୁ ଦାୟୀ କରାଯାଇନଥିଲା । ଅନ୍ୟପକ୍ଷରେ ୨୦୨୧ ମସିହାରୁ ତାଲିବାନ ଆକ୍ରମଣରେ ଶହଶହ ପାକିସ୍ତାନୀ ସେନାଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ କରାଯାଇ ଆସୁଛି । ଗତ କିଛିମାସ ହେବ ଆଫଗାନିସ୍ତାନ ଏବଂ ପାକିସ୍ତାନ ମଧ୍ୟରେ ବିବାଦୀୟ ପରିସ୍ଥିତି ଲାଗୁ ରହିଛି । ଉଭୟ ଦେଶ ମଧ୍ୟରେ ୨ହଜାର ୬୦୦ କିଲୋମିଟର ସୀମାରେଖା ରହିଥିବା ସୂଚନା ଦିଆଯାଇଛି ।

## ମାଓଇଷ୍ଟ ଆରେଷ୍ଟେଡ୍

ଦେଶକୁ ମାଓବାଦୀ ମୁକ୍ତ କରିବା ଲାଗି ଚାଲିଥିବା ପ୍ରୟାସର ଅଂଶସ୍ୱରୂପ ଦକ୍ଷିଣ ବସ୍ତରର ଦନ୍ତେୱାଡା ଜିଲ୍ଲାରୁ ୬ଜଣ ମାଓବାଦୀଙ୍କୁ ପୁଲିସ ଗିରଫ କରିଛି । ଏଥିସହିତ ମଙ୍ଗନାର ରୋଡ଼ ନିକଟରେ ଖଞ୍ଜା ଯାଇଥିବା ଆଇ.ଇ.ଡିକୁ ନିଷ୍କ୍ରିୟ କରାଯାଇଛି । ଗତକାଲି ତଲାସୀ ଅଭିଯାନ ସମୟରେ ୬ଜଣ ମାଓବାଦୀଙ୍କୁ ଗିରଫ କରାଯାଇଥିବା ସୂଚନା ମିଳିଛି ।  ମଙ୍ଗନାର ରୋଡ଼ରେ ସନ୍ଦିଗ୍ଧ ବ୍ୟକ୍ତି ଥିବା ନେଇ ଗୁଇନ୍ଦା ସୂଚନା

ମିଳିବା ପରେ ଜିଲ୍ଲା ରିଜର୍ଭ ଗାର୍ଡ ଏବଂ ସିଆର୍‌ପିଏଫ୍ ମିଳିତ ଖାନ୍‌ତଲାସୀ ଅଭିଯାନ ଆରମ୍ଭ କରିଥିଲା ।

ଚଳିତବର୍ଷ ଦନ୍ତେୱାଡାରେ ଅନେକ ମାଓବାଦୀ ଆତ୍ମସମର୍ପଣ କରିଥିବାବେଳେ ଗତମାସରେ ୭୧ଜଣ ମାଓବାଦୀ ଆତ୍ମସମର୍ପଣ କରି ସମାଜର ମୁଖ୍ୟସ୍ରୋତରେ ସାମିଲ ହେବା ଲାଗି ରାଜି ହୋଇଥିଲେ । ଗତ ଦଶନ୍ଧିରେ ମାଓବାଦୀଙ୍କ କାର୍ଯ୍ୟକଳାପ ଯୋଗୁଁ ଛତିଶଗଡ ଭଳି ରାଜ୍ୟରେ ଏକହଜାରରୁ ଅଧିକ ମୃତ୍ୟୁ ହେବା ସହ ଅନେକ କ୍ଷୟକ୍ଷତି ଘଟିଛି ।

# ଡାଏନ କିଟନ୍‌-ଡେଡ୍

ଓସ୍କାର ବିଜୟୀ ଅଭିନେତ୍ରୀ ଡାଏନ କିଟନଙ୍କର ଅଣାଅଶୀ ବର୍ଷ ବୟସରେ କାଲିଫର୍ଣ୍ଣିଆରେ ପରଲୋକ ଘଟିଛି । ୧୯୭୭ ମସିହାରେ ନିର୍ମିତ ଚଳଚ୍ଚିତ୍ର ଆନିହଲ୍ ଏବଂ ଦ ଗଡଫାଦରରେ ନିଖୁଣ ଅଭିନୟ ପାଇଁ ସେ ଓସ୍କାର ଜିତିଥିଲେ । ୧୯୭୦ ମସିହାରେ ଲଭର୍ସ ଆଣ୍ଡ୍ ଅଦର ଷ୍ଟ୍ରେଞ୍ଜର୍ସ ଚଳଚ୍ଚିତ୍ରରୁ ଅଭିନୟ ଜୀବନ ଆରମ୍ଭ କରିଥିବା କିଟନ୍ ୬୦ରୁ ଅଧିକ ଚଳଚ୍ଚିତ୍ରରେ ଅଭିନୟ କରିଛନ୍ତି । ୨୦୨୪ ମସିହାରେ ତାଙ୍କର ଶେଷ ଚଳଚ୍ଚିତ୍ର ସମର କ୍ୟାମ୍ପ ରିଲିଜ ହୋଇଥିଲା । ଫାଦର ଅଫ୍ ଦ ବ୍ରାଇଡ ଏବଂ ଫାଷ୍ଟ ୱିଭ୍‌ସ କ୍ଲବରେ ଅଭିନୟ ଲାଗି ୧୯୭୮ ମସିହାରେ ତାଙ୍କୁ ଏକାଡେମୀ ପୁରସ୍କାର ପ୍ରଦାନ କରାଯାଇଥିଲା । ଅଭିନୟରେ ପାରଦର୍ଶିତା ଲାଗି ଗୋଲ୍‌ଡେନ୍ ଗ୍ଲୋବ୍ ସମେତ ଅନେକ ପୁରସ୍କାରରେ ତାଙ୍କୁ ସମ୍ମାନିତ କରାଯାଇଛି । ସେ ମଧ୍ୟ ୧୯୯୫ରେ ଚଳଚ୍ଚିତ୍ର ନିର୍ଦ୍ଦେଶନା

ଦେଇଥିଲେ । ଅବିବାହିତ ଥିବା କିଟନ ୨ଟି ପୋଷ୍ୟ ସନ୍ତାନ ଗ୍ରହଣ କରିଥିଲେ ।

## ଟ୍ରମ୍ପ ଗଭ୍-ସଟ୍‌ଡାଉନ

ଆମେରିକାରେ ଆର୍ଥିକ ଅଚଳାବସ୍ଥାକୁ ନେଇ ଟ୍ରମ୍ପ ପ୍ରଶାସନ କର୍ମଚାରୀମାନଙ୍କୁ ବିନା ବେତନରେ ଛୁଟିରେ ଯିବାଲାଗି ନିର୍ଦ୍ଦେଶ ଦେଇଥିବାବେଳେ ସେଠାକାର ସେନାବାହିନୀ କର୍ମଚାରୀଙ୍କୁ ଚଳିତମାସ ୧୫ ତାରିଖ ସୁଦ୍ଧା ଦରମା ଦେବାଲାଗି ଯେକୌଣସି ସୂତ୍ରରୁ ପାଣ୍ଠି ଯୋଗାଣ ଲାଗି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନିର୍ଦ୍ଦେଶ ଦେଇଛନ୍ତି । ଗତକାଲି ଶ୍ରୀ ଟ୍ରମ୍ପ ପ୍ରତିରକ୍ଷା ସଚିବ ପିଟ୍ ହେଗସେଥଙ୍କୁ ଦେଇଥିବା ନିର୍ଦ୍ଦେଶ ଅନୁଯାୟୀ ବିଭିନ୍ନ କ୍ଷେତ୍ରରେ ବଳକା ଥିବା ଅର୍ଥ ଯୋଗାଡ କରି ସେନାବାହିନୀକୁ ୧୫ତାରିଖ ସୁଦ୍ଧା ଦରମା ଦେବାକୁ କହିଛନ୍ତି । ଦେଶର କମାଣ୍ଡର ଇନ୍ ଚିଫ୍ ଭାବେ ରାଷ୍ଟ୍ରପତି ଟ୍ରମ୍ପ ଏହି ନିର୍ଦ୍ଦେଶ ଦେଇଥିବା ଜଣାପଡିଛି । ଚଳିତମାସ ଆରମ୍ଭରୁ ଆମେରିକାରେ ଆର୍ଥିକ ମାମଲାନେଇ ସରକାର ଏକପ୍ରକାର ବନ୍ଦ ରହିଛି । ଏଥିଲାଗି ରାଷ୍ଟ୍ରପତି ଟ୍ରମ୍ପ ଡେମୋକ୍ରାଟମାନଙ୍କୁ ଦାୟି କରିଛନ୍ତି । ଅକ୍ଟୋବର ୩ ତାରିଖରେ ହ୍ୱାଇଟ୍ ହାଉସ୍ ଗଣମାଧ୍ୟମ ସଚିବ କାରୋଲିନ୍ ଲେଭିଟ କହିଥିଲେ ଆର୍ଥିକ ଅଚଳାବସ୍ଥା ଯୋଗୁଁ ସାମରିକ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଲୋକମାନଙ୍କ ପରିବାର ପକ୍ଷରୁ ଖାଦ୍ୟ ସହାୟତା ପାଇଁ ଅନୁରୋଧ କରାଯାଇଛି ।

# ଟେଷ୍ଟ କ୍ରିକେଟ୍

ଭାରତ-ୱେଷ୍ଟଇଣ୍ଡିଜ ମଧ୍ୟରେ ଚାଲିଥିବା ଦ୍ୱିତୀୟ ତଥା ଚୂଡାନ୍ତ କ୍ରିକେଟ୍ ଟେଷ୍ଟ ମ୍ୟାଚ୍‌ର ଆଜି ତୃତୀୟ ଦିନରେ ୱେଷ୍ଟଇଣ୍ଡିଜ ଗତକାଲିର ସ୍କୋର ୪ ୱିକେଟ୍ ଓ ୧୪୦ରନ୍‌ରୁ ବ୍ୟାଟିଂ ଆରମ୍ଭ କରିବ । ନୂଆଦିଲ୍ଲୀର ଅରୁଣ ଜେଟ୍‌ଲୀ ଷ୍ଟାଡିୟମରେ ଭାରତୀୟ ସମୟ ସକାଳ ୯ଟା ୩୦ ମିନିଟ୍‌ରେ ମ୍ୟାଚ୍ ଆରମ୍ଭ ହେବ । ଏହି ମ୍ୟାଚ୍‌ରେ ୱେଷ୍ଟଇଣ୍ଡିଜ ୩୭୮ରନ୍ ପଛରେ ଅଛି ।

ଗତକାଲି ଦ୍ୱିତୀୟ ଦିନରେ ସାଇ ହୋପ୍ ଏବଂ ଟେଭିନ୍ ଇମ୍‌ଲାଚ ଅପରାଜିତ ରହିଛନ୍ତି । ଭାରତ ୫ ୱିକେଟ୍ ୫୧୮ରନ୍‌ରେ ଇନିଂସ୍ ସମାପ୍ତି ଘୋଷଣା କରିଥିଲା । ଭାରତୀୟ ଖେଳାଳି ଯଶସ୍ୱୀ ଜୟସ୍ୱାଲ ଏବଂ ଶୁଭବନ ଗିଲ୍ ଚିତ୍ତାକର୍ଷକ ବ୍ୟାଟିଂ ପ୍ରଦର୍ଶନ କରିଥିଲେ । ଜୟସ୍ୱାଲ ୧୭୫ରନ୍ କରିଥିବାବେଳେ ଶୁଭମନ ଗିଲ୍ ଅପରାଜିତ ୧୨୯ରନ୍ କରିଥିଲେ ।

# ୱେମେନ୍ କ୍ରିକେଟ

ଆଇସିସି ମହିଳା ଏକଦିବସୀୟ କ୍ରିକେଟ୍ ବିଶ୍ୱକପ୍ ମ୍ୟାଚ୍‌ରେ ଆଜି ଭାରତ-ଅଷ୍ଟ୍ରେଲିଆ ମଧ୍ୟରେ ମୁକାବିଲା ହେବ । ବିଶାଖାପାଟନମର **ACA-VDCA** କ୍ରିକେଟ୍ ଷ୍ଟାଡିୟମରେ ଭାରତୀୟ ସମୟ ଅପରାହ୍ଣ ୩ଟାରେ ମ୍ୟାଚ୍ ଆରମ୍ଭ ହେବ ।

ଗତକାଲି କଲମ୍ବୋସ୍ଥିତ ଆର୍. ପ୍ରେମଦାସା ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚ୍‌ରେ ଇଂଲଣ୍ଡ ଅଣାନବେ ରନ୍‌ରେ ଶ୍ରୀଲଙ୍କାକୁ ପରାସ୍ତ କରି ଏହି ବିଶ୍ୱକପ୍‌ରେ ଲଗାତର ତୃତୀୟଥର ବିଜୟ ହାସଲ କରିଛି । ଶ୍ରୀଲଙ୍କା ମହିଳା କ୍ରିକେଟ୍ ଦଳ ଟସ୍ ଜିତି ବୋଲିଂ ପାଇଁ ନିଷ୍ପତ୍ତି ନେବାପରେ ଇଂଲଣ୍ଡ ନିର୍ଦ୍ଧାରିତ ୫୦ ଓଭରରେ ୯ ଓ୍ୱିକେଟ୍ ବିନିମୟରେ ୨୫୩ରନ୍ ସ୍କୋର କରିଥିଲା । ଏହାର ଜବାବରେ ଶ୍ରୀଲଙ୍କା ଦଳ ୪୫ ଓଭର ୪ଟି ବଲ୍‌ରେ ସମସ୍ତ ଓ୍ୱିକେଟ୍ ହରାଇ ୧୬୪ ରନ୍ ସ୍କୋର କରିବାକୁ ସକ୍ଷମ ହୋଇଥିଲା ।